# ଜୀବ-ସେବା ଓ ଜୀବେ ଦୟା

## ଶ୍ରୀଶ୍ରୀମଦ୍‌ଭକ୍ତିପ୍ରଜ୍ଞାନ କେଶବ ଗୋସ୍ୱାମୀ ମହାରାଜ

'ଜୀବ-ସେବା' ଓ 'ଜୀବେ ଦୟା'—ଏଇ ଦୁଇଟି ବିଷୟର ପାର୍ଥକ୍ୟକୁ ବୋଧହୁଏ ବହୁ ଲୋକ ଭଲଭାବେ ଜାଣନ୍ତି ନାହିଁ । ଅଧିକାଂଶ ସ୍ଥଳେ 'ଜୀବ-ସେବା' ଓ 'ଜୀବେ ଦୟା'—ଏହି ଦୁଇଟି ବିଷୟର ବିଶେଷତାକୁ ବିଚାର ନ କରି ଆମେମାନେ ଗୋଟିଏ କରିବାକୁ ଯାଇ ଅନ୍ୟ କିଛି କରି ବସୁଛେ—'ଶିବ' ଗଢ଼ିବାକୁ ଯାଇ 'ମାଙ୍କଡ଼' ଗଢ଼ି ତୋଳୁଛେ । ଜଗତରେ ଅନେକେ 'ମନୀଷୀ', 'ଉଦାରଚେତା', 'ପରୋପକାରୀ', 'ସମାଜବନ୍ଧୁ', 'ବିଶ୍ୱବନ୍ଧୁ' ନାମରେ ପରିଚିତ ହେବାର ବାସନା କରନ୍ତି, କିନ୍ତୁ ବସ୍ତୁବିଚାରର ଅଭାବରେ ତାଙ୍କର ଯାବତୀୟ କାର୍ଯ୍ୟ ବ୍ୟର୍ଥ-ଶ୍ରମ ହୋଇଯାଏ । ଜଗତର ଲୋକ ଯେପରି ଦେହ-ଆରାମୀ ଓ ସ୍ୱ-ସୁଖ ବାଞ୍ଛାରେ ମଗ୍ନ, ସେଥିରେ ଯଦି କୌଣସି ବ୍ୟକ୍ତିଠାରେ ବିନ୍ଦୁମାତ୍ର ଅନ୍ୟର ସେବା-ପ୍ରବୃତ୍ତିର ଚେଷ୍ଟା ପରିଲକ୍ଷିତ ହୁଏ, ତାହା ପରମ-ପ୍ରଶଂସନୀୟ । 'ପର-ସେବା' ଉତ୍ତମ, କିନ୍ତୁ ପର-ସେବା ନ ହୋଇ ଯଦି ଏହା 'ପର-ଛଳନା' ହୋଇ ପଡ଼େ, ତାହା କଦାପି ପ୍ରଶଂସନୀୟ ନୁହେଁ । 'ଛଳନା' ଉପରେ 'ସେବା'ର 'ଲେବଲ' ଓ 'ଟ୍ରେଡ଼ମାର୍କ' ଲଗାଇ ବଜାରରେ କୌଣସି ପ୍ରକାରେ ଚଳାଇ ପାରିଲେ ଯେ ତାହା ପ୍ରକୃତରେ 'ସେବା' କୁହାଯିବ, ତାହା ବିଂଶ ଶତାବ୍ଦୀର ବିଚାରପରାୟଣ ସଭ୍ୟ ମାନବ-ସମାଜ କ'ଣ ଏହାକୁ ଥରେ ହେଲେ ବିଚାର କରି ଦେଖିବେ ନାହିଁ ?

'ପର-ସେବା', 'ପର-ଉପକାର' ପ୍ରଭୃତି କଥାର 'ପର' ଶବ୍ଦରେ 'ଶ୍ରେଷ୍ଠ' ବା 'ପରମାତ୍ମା ବିଷ୍ଣୁ' ଲକ୍ଷିତ ହେଲେ ପରମାତ୍ମାଙ୍କ ସେବା ବା ଶ୍ରେଷ୍ଠର ସେବା ହିଁ ସ୍ଥିରୀକୃତ ହୁଏ । ଜୀବ 'ପର' ଅର୍ଥାତ୍ ଶ୍ରେଷ୍ଠ ହେଲେ ମଧ୍ୟ ଅନର୍ଥଯୁକ୍ତ ଅବସ୍ଥାରେ ତ୍ରିଗୁଣରେ ଆବଦ୍ଧ—

**ଯୟା ସମ୍ମୋହିତୋ ଜୀବ ଆତ୍ମାନଂ ତ୍ରିଗୁଣାତ୍ମକମ୍ ।**
**ପରୋଽପି ମନୁତେଽନର୍ଥଂ ତତ୍କୃତଞ୍ଚାଭିପଦ୍ୟତେ ।।**

(ଭା. ୧/୭/୫)

ତ୍ରିଗୁଣାତ୍ମକ ମାୟା ଦ୍ୱାରା ଆବୃତ ଓ ବିକ୍ଷିପ୍ତ ଚିତ୍ତ ଅନାଦି-ବଦ୍ଧ ଜୀବର ସେବା ଅନର୍ଥାବୃତ-ଅବସ୍ଥାର ହିଁ ସେବା ଅର୍ଥାତ୍ ଭୋଗ-ମାତ୍ର । 'ସେବା' ଶବ୍ଦ ସହିତ କେତେଟି

ବିଷୟ ଅବିଚ୍ଛିନ୍ନରୂପେ ସଂଶ୍ଲିଷ୍ଟ । ପ୍ରଥମତଃ 'ସେବା' କହିଲେ ଆଦୌ ଏହା ବିବେଚନୀୟ ଯେ, ଯେଉଁ ବସ୍ତୁର ସେବା କରାଯିବ, ସେଇ ବସ୍ତୁବିଶେଷ 'ସେବ୍ୟ' ବା 'ପ୍ରଭୁ-ତତ୍ତ୍ୱ' କି ନା; ଦ୍ୱିତୀୟତଃ 'ସେବା' ରେ ସେବ୍ୟଙ୍କୁ ଅନୁକୂଳ ସୁଖ ଦେବାର ଚେଷ୍ଟା ଅଛି କି ନାହିଁ; ତୃତୀୟତଃ ସେବକର ଅଧିଷ୍ଠାନ ।

ତ୍ରିଗୁଣାତ୍ମକ ଅନାଦି ବହିର୍ମୁଖ ଜୀବ କ'ଣ ପ୍ରଭୁତତ୍ତ୍ୱ ? ଅନର୍ଥଯୁକ୍ତ ବ୍ୟକ୍ତିର ସୁଖ-ସାଧନ କ'ଣ ମଙ୍ଗଳ-ପ୍ରଦାୟକ ? ଆଉ ସୁଖସାଧନକାରୀ ସେବକର ମଧ୍ୟ ଏପରି କାର୍ଯ୍ୟରେ କ'ଣ ଲାଭ ?—ଏ ତିନିଟି ପ୍ରଶ୍ନର ନିରପେକ୍ଷ ଉତ୍ତର ଦେବାକୁ ହେଲେ ଆମେ ଦେଖିପାରିବା ଯେ, 'ଜୀବ-ସେବା' ନାମରେ କୌଣସି କଥା ଯୁକ୍ତିଯୁକ୍ତ ହୋଇ ପାରିବ ନାହିଁ । ଜୀବ କଦାପି ପ୍ରଭୁତତ୍ତ୍ୱ ନୁହେଁ—**"ମାୟାଧୀଶ ମାୟାବଶ, ଈଶ୍ୱରେ ଜୀବେ ଭେଦ ।"** (ଅର୍ଥାତ୍ ଈଶ୍ୱର ଓ ଜୀବ ମଧରେ ଏଇ ଭେଦ ଯେ ଈଶ୍ୱର ମାୟାଧୀଶ ଓ ଜୀବ ମାୟାବଶ) । ମାୟାବଶର ସେବାରେ ଅର୍ଥାତ୍ ଇନ୍ଦ୍ରିୟ-ତର୍ପଣରେ ସେବ୍ୟ-ଅଭିମାନ, ସେବକାଭିମାନ ଓ ସେବାଭିମାନ କୌଣସିଟିର ସାର୍ଥକତା ନାହିଁ । ଲମ୍ପଟ, ଦସ୍ୟୁ, ଜୁଆଚୋର, ଗଧ, ଘୋଡ଼ା, ବୃକ୍ଷଲତା ପ୍ରଭୃତିର ସେବା-କଳ୍ପନା ମାୟାବଶ ଜୀବର ଭୋଗମାତ୍ର । ସେଇ ସମସ୍ତ ବସ୍ତୁ ସେବ୍ୟ ବା ପ୍ରଭୁତତ୍ତ୍ୱ ନୁହଁନ୍ତି, ମାୟାବଶ ଲମ୍ପଟକୁ ପରସ୍ତ୍ରୀ, ଦସ୍ୟୁକୁ ପରର ଧନାଦି ଯୋଗାଇ ପାରିଲେ ସେମାନଙ୍କର ସୁଖସାଧନ ରୂପ 'ସେବା' ବା 'ଭୋଗ' ତ ହୁଏ, ଅର୍ଥାତ୍ ସେପରି ଭୋଗରେ ଦସ୍ୟୁ-ଲମ୍ପଟାଦିର ପ୍ରୀତି ହେଲେ ମଧ୍ୟ ସେମାନଙ୍କର ଚିରକାଳ ପାଇଁ ଅକଲ୍ୟାଣ ଏବଂ ତା'ସହିତ ଅନ୍ୟ ଜୀବମାନଙ୍କର ପୀଡ଼ନ ଅନିବାର୍ଯ୍ୟ । ସୁତରାଂ ମାୟାବଶ ଜୀବର ସେବା ବା ଭୋଗ ଯେତେ ମନୋରମ ବେଶରେ ସୁସଜ୍ଜିତ ହେଉନା କାହିଁକି, ସେଠାରେ ଜୀବ-ପୀଡ଼ନ ହିଁ ହୁଏ । ଗୋଟିଏ ମାୟାବଶ ଜୀବର ଇନ୍ଦ୍ରିୟ ତର୍ପଣ କରିବାକୁ ଗଲେ ତାର ଅକଲ୍ୟାଣ ଏବଂ ତତ୍ ସଙ୍ଗେ ସଙ୍ଗେ ବହୁଜୀବର ପୀଡ଼ନ ହୁଏ ।

'ଜୀବ-ସେବା' କଥାଟି ସମ୍ପୂର୍ଣ୍ଣ ଅଯୌକ୍ତିକ, ଜୀବର ବଦ୍ଧତ୍ୱ ବିଚାରରେ 'ଜୀବେ ଦୟା' ସମ୍ଭବ ଏବଂ ତାହାର ମୁକ୍ତତ୍ୱ ବିଚାରରେ 'ବୈଷ୍ଣବ-ସେବା' ସମ୍ଭବ । ଅନର୍ଥଯୁକ୍ତ ବଦ୍ଧାବସ୍ଥାରେ ସ୍ଥିତ ଜୀବମାନଙ୍କ ପ୍ରୀତିସାଧନ ପ୍ରକୃତ-ପକ୍ଷେ 'ସେବା' ଶବ୍ଦବାଚ୍ୟ ହୋଇପାରିବ ନାହିଁ, ତାହା ପ୍ରତି 'ଦୟା' କରିବା ହିଁ କର୍ତ୍ତବ୍ୟ । ପୁଣି ମୁକ୍ତପୁରୁଷ ପ୍ରତି ମଧ୍ୟ 'ଦୟା' ଶବ୍ଦ ପ୍ରଯୁକ୍ତ ହୋଇପାରିବ ନାହିଁ, ତାଙ୍କର 'ସେବା' କରିବା କର୍ତ୍ତବ୍ୟ । 'ଜୀବ-ସେବା' କଥାଟି ଯୁକ୍ତିଯୁକ୍ତ ହୁଏ ନାହିଁ, କିନ୍ତୁ 'ଶିବ-ସେବା', 'ଗୁରୁ-ସେବା' ବା 'ବୈଷ୍ଣବ-ସେବା' କଥାଟି ଯୁକ୍ତିଯୁକ୍ତ । ଗୁରୁବୈଷ୍ଣବଙ୍କ ଇନ୍ଦ୍ରିୟତୃପ୍ତି ବା ସେବା କର୍ତ୍ତବ୍ୟ—

ମୁକ୍ତକୂଳର ସେବା ଓ ବଦ୍ଧକୂଳ ପ୍ରତି ଦୟା ହିଁ ଜୀବର ଶୁଦ୍ଧ ସନାତନ ଧର୍ମ।

ମାୟାବଦ୍ଧ ଜୀବ 'ପ୍ରଭୁ' ବା 'ସେବ୍ୟତତ୍ତ୍ୱ' ନୁହେଁ, ଏହି ବିଚାର ଶ୍ରବଣ କରି ଅନେକେ କପଟତା କ୍ରମେ ଜୀବକୁ ସେବ୍ୟତତ୍ତ୍ୱରୂପେ ସଜ୍ଜିତ କରିବା ପାଇଁ ବାଉଲ ମତର ସହିତ ନ୍ୟୁନାଧିକ ମିତ୍ରତା ସ୍ଥାପନପୂର୍ବକ ବଦ୍ଧଜୀବକୁ 'ନାରାୟଣ' କହିବା ପ୍ରୟାସ କରନ୍ତି। ଜୀବ-ନାରାୟଣ, ଦରିଦ୍ର-ନାରାୟଣ, ଅଶ୍ୱ-ନାରାୟଣ, ମୃଗ-ନାରାୟଣ, ମନୁଷ୍ୟ-ନାରାୟଣ ପ୍ରଭୃତି ନାମ ପ୍ରଦାନ କରି ଏ ସକଳ ବାଉଲ-ମତାବଲମ୍ବୀ ବ୍ୟକ୍ତିମାନେ ଜୀବର ମାୟାବଦ୍ଧତାକୁ ହିଁ ମାୟାଧୀଶ ନାରାୟଣତ୍ୱ ମନେ କରନ୍ତି ; ଏବଂ ଦେହ ଓ ମନ—ଏଇ ଜଡ଼ବସ୍ତୁ ଦ୍ୱୟର ତୋଷଣକୁ ହିଁ 'ନାରାୟଣ-ସେବା' ବୋଲି ପ୍ରଚାର କରନ୍ତି। ଦରିଦ୍ର-ନାରାୟଣ, ମନୁଷ୍ୟ-ନାରାୟଣ ଶବ୍ଦଗୁଡ଼ିକ—ସୁନାର ପଥର-ଗିନା ନ୍ୟାୟ ଭଳି ଅଯୌକ୍ତିକ ଓ ଅବୈଧ। ଜୀବଠାରେ 'ନାରାୟଣ' ବା 'ଈଶ୍ୱର' ନାମ ସଂଯୋଗ କରିଦେଲେ ସେ ପ୍ରଭୁତତ୍ତ୍ୱ ହୋଇପାରିବ ନାହିଁ, ବରଂ ତାହା ପାଷଣ୍ଡତା ହିଁ ହୁଏ—

**ବସ୍ତୁ  ନାରାୟଣଂ ଦେବଂ ବ୍ରହ୍ମରୁଦ୍ରାଦିଦୈବତୈଃ।**
**ସମତ୍ୱେନୈବ ବୀକ୍ଷେତ ସ ପାଷଣ୍ଡୀ ଭବେଦ୍‌ଧ୍ରୁବମ୍।।**

ମହାପ୍ରଭୁ କହିଛନ୍ତି—

**ସେଇ ମୂଢ଼ କହେ 'ଜୀବ' 'ଈଶ୍ୱର' ହୟ ସମ।**
**ସେଇ ତ' ପାଷଣ୍ଡୀ ହୟ, ଦଣ୍ଡେ ତାରେ ଯମ।।**

ଦରିଦ୍ରତ୍ୱ ନାରାୟଣତ୍ୱ ନୁହେଁ, ସେଥିରେ ନାରାୟଣତ୍ୱର ଅଭାବ। ମୃଗତ୍ୱ ବା ମନୁଷ୍ୟତ୍ୱ ମାୟାଧୀଶତ୍ୱ ନୁହେଁ, ତାହା ମାୟାବଶ୍ୟତା। ଦରିଦ୍ରର ଅନ୍ତର୍ଯ୍ୟାମିସୂତ୍ରେ ନାରାୟଣଙ୍କର ନିତ୍ୟ ଅଧିଷ୍ଠାନ ଅଛି। କିନ୍ତୁ ଦରିଦ୍ରତ୍ୱ, ପଶୁତ୍ୱ ବା ନାରାୟଣତ୍ୱର ପ୍ରତୀତିରେ ନାରାୟଣତ୍ୱ ନାହିଁ। ଦରିଦ୍ରତ୍ୱ, ପଶୁତ୍ୱ ଓ ମାନବତ୍ୱରୂପ ମାୟାର ଆବରଣ ଓ ବିକ୍ଷେପ ଶକ୍ତିର ବିକ୍ରମ ଦୂରୀଭୁତ ହେଲେ ହିଁ ଅନ୍ତର୍ଯ୍ୟାମୀ ନାରାୟଣଙ୍କର ବାସ୍ତବସତ୍ତା ଓ ତଦଂଶଭୂତ ଶୁଦ୍ଧଜୀବାତ୍ମାସ୍ୱରୂପ ପରିଦୃଷ୍ଟ ହୁଏ। **'ଗୁରୁ' ବା 'ବୈଷ୍ଣବ' ନାରାୟଣଙ୍କ ବହିରଙ୍ଗା ଶକ୍ତିର ବିକ୍ରମରେ ଅଭିଭୂତ ନ ହେବା ହେତୁ ସେ ମୁକ୍ତ, ଶୁଦ୍ଧ ଓ ନିତ୍ୟ, ତାଙ୍କର ନିତ୍ୟ ସେବା ହିଁ ନିତ୍ୟ କର୍ତ୍ତବ୍ୟ।** ସେ ସାଧାରଣ ଜୀବ ଶବ୍ଦବାଚ୍ୟ ନୁହଁନ୍ତି। ଯେଉଁ ପର୍ଯ୍ୟନ୍ତ ବଦ୍ଧଜୀବ-ଦର୍ଶନ, ସେପର୍ଯ୍ୟନ୍ତ ତାହା ପ୍ରତି ଦୟା କର୍ତ୍ତବ୍ୟ, ଏବଂ ମୁକ୍ତ-ଦର୍ଶନରେ ସେବା ହିଁ କର୍ତ୍ତବ୍ୟ। ମହାଭାଗବତଙ୍କର ଗୋ-ଅଶ୍ୱ-ଖର(ଗଧ)-

ଚଣ୍ଡାଳଙ୍କଠାରେ ସର୍ବତ୍ର ସମ ବା ବୈଷ୍ଣବ-ଦର୍ଶନ, ସେ ସମସ୍ତଙ୍କୁ 'ବୈଷ୍ଣବ' ଜାଣି ସେବା କରିବାରେ ବ୍ୟସ୍ତ। ସେମାନଙ୍କର ଦର୍ଶନ ମାୟାବାଦୀ ବା ବାଉଲଙ୍କ 'ଦରିଦ୍ର-ନାରାୟଣ', 'ମନୁଷ୍ୟ-ନାରାୟଣ', 'ମୃଗ-ନାରାୟଣ' ଭଳି ଜଡ଼ରେ ଚିଦାରୋପ ବା କଳ୍ପନା ମାତ୍ର ନୁହେଁ। ସେ ଜୀବାତ୍ମାକୁ ନାରାୟଣ କଳ୍ପନା କରି ମାୟାର ଆବରଣ ଓ ବିକ୍ଷେପାତ୍ମକ ବୃତ୍ତି ପରିଣତ ବସ୍ତୁର ଅନିତ୍ୟ ସେବା କରନ୍ତି ନାହିଁ। ତାଙ୍କର ସେବ୍ୟ ନିତ୍ୟ, ସେବା ନିତ୍ୟ ଓ ସେବକାଭିମାନ ମଧ୍ୟ ନିତ୍ୟ।

ଯେଉଁମାନେ 'ଜୀବ-ସେବା', 'ଜୀବ-ସେବା' ବୋଲି ଚିତ୍କାର କରନ୍ତି, ଯେଉଁମାନେ ଦରିଦ୍ର-ନାରାୟଣ, ମନୁଷ୍ୟ-ନାରାୟଣ, ମୃଗ-ନାରାୟଣର ସେବା କଳ୍ପନା କରି ଜଗତର ଅନଭିଜ୍ଞ-ସମ୍ପ୍ରଦାୟ ନିକଟରେ ମହାପରୋପକାରୀ ଧର୍ମବୀର ବା କର୍ମବୀର ରୂପରେ ପ୍ରତିଷ୍ଠିତ ହେବାକୁ ଚାହାଁନ୍ତି, ସେମାନଙ୍କ ବିଦ୍ୟାବୁଦ୍ଧିର ଦୌଡ଼ କେତେ ଦୂର, ତାହା ଏତିକି ତୁଳନା କରି ଦେଖିଲେ ହିଁ ବିଚାରକ-ସମ୍ପ୍ରଦାୟ ଧରି ପାରିବେ। କିନ୍ତୁ ବିଚାରପରାୟଣ ମାନବ-ସମାଜର ମନୀଷା (ପ୍ରଜ୍ଞା)କୁ ମଧ୍ୟ ଗତାନୁଗତିକ ନ୍ୟାୟ ଏପରି ନିସ୍ତେଜ କରି ଦିଏ ଯେ, ସେମାନେ ମଧ୍ୟ ଏସବୁ ସାଧାରଣ ବିଚାରରେ ଭ୍ରାନ୍ତ ହୋଇପଡ଼ନ୍ତି।

ଶ୍ରୀମଦ୍ଭାଗବତଧର୍ମରେ ଜୀବ-ସେବାର କୌଣସି କଥା ନାହିଁ; ଶ୍ରୀମଦ୍ଭାଗବତର ବାଣୀ—**"ଶ୍ରୀହରି-ଗୁରୁ-ବୈଷ୍ଣବମାନଙ୍କ 'ସେବା' କର ଏବଂ ବଦ୍ଧଜୀବ ପ୍ରତି 'ଦୟା' କର।"** ଭାଗବତ ଭରତରାଜାଙ୍କର ଆଦର୍ଶ ଦ୍ୱାରା ଜଣାଇଛନ୍ତି ଯେ, ମହର୍ଷି ଭରତ ମୃଗ-ଜୀବର ବଦ୍ଧତାର ସେବା କରିବାକୁ ଯାଇ ନିଜ ଆତ୍ମମଙ୍ଗଳ ଓ ପରମମଙ୍ଗଳର ପଥରେ ବାଧାକୁ ଆମନ୍ତ୍ରିତ କରିଛନ୍ତି। ଭାଗବତ ଏହିପରି ଜୀବ-ସେବାକୁ ନିରୁତ୍ସାହିତ କରି ମଧ୍ୟମ ଓ ଉତ୍ତମ-ଭାଗବତଙ୍କର ବିଚାର ଜଣାଇଛନ୍ତି—

**ଈଶ୍ୱରେ ତଦଧୀନେଷୁ ବାଲିଶେଷୁ ଦ୍ୱିଷତ୍ସୁ ଚ।**
**ପ୍ରେମମୈତ୍ରୀକୃପୋପେକ୍ଷା ଯଃ କରୋତି ସ ମଧ୍ୟମଃ।।**
**ସର୍ବଭୂତେଷୁ ଯଃ ପଶ୍ୟେଦ୍ଭଗବଦ୍ଭାବମାତ୍ମନଃ।**
**ଭୂତାନି ଭଗବତ୍ୟାତ୍ମନ୍ୟେଷ ଭାଗବତୋତ୍ତମଃ।।**

**ସ୍ଥାବର ଜଙ୍ଗମ ଦେଖେ, ନା ଦେଖେ ତାର ମୂର୍ତ୍ତି।**
**ସର୍ବତ୍ର ସ୍ଫୁରୟେ ତାଁର ଇଷ୍ଟଦେବ-ମୂର୍ତ୍ତି।।**

ମଧ୍ୟମାଧିକାରୀ ଉତ୍ତମାଧିକାରୀ ବୈଷ୍ଣବଙ୍କର 'ସେବା' କରିବେ, ସେମାନଙ୍କର ସୁଖସାଧନ ପାଇଁ 'ଶୁଶ୍ରୂଷା' କରିବେ, ବଦ୍ଧଜୀବର ଇନ୍ଦ୍ରିୟ-ତର୍ପଣ କରିବେ ନାହିଁ, ସେଥିରେ ନିଜର ବା ଅନ୍ୟ କାହାର ମଧ୍ୟ ଉପକାର ବା ମଙ୍ଗଳ ହେବ ନାହିଁ। ଅତଏବ ଆମମାନଙ୍କୁ ସ୍ମରଣ ରଖିବାକୁ ହେବ ଯେ, ସମ୍ବନ୍ଧ ଜ୍ଞାନ ସହିତ ଆତ୍ମାର ନିତ୍ୟ ବୃତ୍ତି ଯେଉଁ ସେବା, ତାହାର ଏକମାତ୍ର ପାତ୍ର—"ଶ୍ରୀହରି, ଗୁରୁ ଓ ବୈଷ୍ଣବ ଅର୍ଥାତ୍ ମୁକ୍ତ, ଶୁଦ୍ଧ, ବୈକୁଣ୍ଠ ଭଗବତ୍‌ସ୍ୱରୂପ ଓ ତଦ୍‌ରୂପ-ବୈଭବ; ଜୀବ ବା ପ୍ରଧାନ (ବହିରଙ୍ଗା ମାୟାଶକ୍ତି ଜଗତର ଉପାଦାନ ଅଂଶରେ ପ୍ରଧାନ ଓ ପ୍ରକୃତି ନାମରେ ପ୍ରସିଦ୍ଧ) ନୁହେଁ। ସ୍ୱରୂପ ବିସ୍ମୃତି ହେତୁ ଅଥବା ଦେହାତ୍ମବୁଦ୍ଧି କାରଣରୁ ଦେହ ଓ ମନ ଦ୍ୱାରା ଯେଉଁ 'ସେବା', ଏହା ଜଡ଼େନ୍ଦ୍ରିୟ-ତର୍ପଣମୂଳକ ଭୋଗର ନାମାନ୍ତର, ଏହାର ପାତ୍ର—ଭଗବାନଙ୍କଠାରୁ ବା ତଦ୍‌ରୂପବୈଭବଙ୍କଠାରୁ ବିମୁଖ ବଦ୍ଧଜୀବ ଏବଂ 'ପ୍ରଧାନ'; ଶୁଦ୍ଧଚେତନ ବୈକୁଣ୍ଠ-ବସ୍ତୁ ନୁହଁନ୍ତି। ତାଦୃଶ **କୃଷ୍ଣବିମୁଖ ଜୀବମାନଙ୍କୁ କୃଷ୍ଣୋନ୍ମୁଖୀ କରିବା ହିଁ ସେମାନଙ୍କ ପ୍ରତି ପରମ 'ଦୟା'।**

'ଜୀବ-ସେବା' କଥାଟି ହୋଇ ନପାରେ ଅର୍ଥାତ୍ ଜୀବର ଚିଦିନ୍ଦ୍ରିୟ ବୃତ୍ତିଗୁଡ଼ିକ ଅଚିଦାବୃତ-ଚେତନର ସୁଖ ବା ଭୋଗସାଧନରେ କେବେ ନିୟୋଜ୍ୟ ନୁହେଁ। କିନ୍ତୁ ନିଖିଳ ଚିଦ୍-ଅଚିଦ୍‌ବସ୍ତୁର ଈଶ୍ୱର ଓ ଈଶ୍ୱରୀୟ ସେବା-ସୁଖ ସାଧନରେ ହିଁ ସେଇ ବୃତ୍ତିମାନଙ୍କୁ ନିରନ୍ତର ନିଯୁକ୍ତ କରିବାକୁ ହେବ—ଏହା ଏକମାତ୍ର ସତ୍ୟ କଥା। 'ଜୀବେ-ଦୟା' ଓ 'ବୈଷ୍ଣବ-ସେବା' କଥା ହିଁ ଯୁକ୍ତିଯୁକ୍ତ ଓ ପରମମଙ୍ଗଳଦାୟକ। ଶ୍ରୀମନ୍ମହାପ୍ରଭୁ ଏଇ 'ଜୀବେ-ଦୟା' ଓ 'ବୈଷ୍ଣବ-ସେବା'ର ଆଦର୍ଶ ଦେଖାଇଛନ୍ତି। ଭଗବତ୍‌କଥା କୀର୍ତ୍ତନ ହିଁ ଅନନ୍ତ ବଦ୍ଧଜୀବ ପ୍ରତି ଅମନ୍ଦୋଦୟ-ଦୟା ହୁଏ ଏବଂ କୀର୍ତ୍ତନକାରୀ ବୈଷ୍ଣବମାନଙ୍କ ସର୍ବତୋଭାବେ ଆନୁକୂଲ୍ୟ ବା ସେବା-ବିଧାନ କରିଲେ ହିଁ ଆମମାନଙ୍କ ଆତ୍ମାର ବୃତ୍ତି ପରିସ୍ଫୁଟ ହୋଇଥାଏ। ମହାପ୍ରଭୁ ସ୍ୱୟଂ ଗ୍ରାମେ ଗ୍ରାମେ ଭଗବତ୍ କଥା ପ୍ରଚାର ଓ ନିଜର ଭକ୍ତମାନଙ୍କୁ ପ୍ରଚାରକରୂପେ ପ୍ରେରଣ କରି ଜୀବ ପ୍ରତି ଅମନ୍ଦୋଦୟ-ଦୟାର ଆଦର୍ଶ ଦେଖାଇଛନ୍ତି। ପୁଣି ନିରନ୍ତର କୀର୍ତ୍ତନପରାୟଣ ବୈଷ୍ଣବମାନଙ୍କ ସେବାର ଆଦର୍ଶ ମଧ୍ୟ ଶିକ୍ଷା ଦେଇଛନ୍ତି। ଆମେମାନେ ଶ୍ରୀମଦ୍‌ଭାଗବତ ଓ ମହାପ୍ରଭୁଙ୍କ ଶିକ୍ଷା ଉଲ୍ଲଙ୍ଘନ କରି ଆଧୁନିକ ମନୋଧର୍ମ-ଜାତ (କାଳ୍ପନିକ) ମତବାଦରେ ପ୍ରମତ୍ତ ହୋଇ ଯେପରି ଭଗବତ୍ ସେବାରୁ ବଞ୍ଚିତ ନ ହେଉ—ଏହା ହିଁ ସର୍ବଦା ସ୍ମରଣ ରଖିବାକୁ ହେବ। ଜୀବ-ସେବାର ଲମ୍ବା-ଚଉଡ଼ା ବକ୍ତୃତା ଶୁଣି ଯେପରି ମାୟାବାଦୀ, ବାଉଲ, ପ୍ରାକୃତ-ସହଜିୟା, ଚିଦ୍‌ଜଡ଼-ସମନ୍ୱୟବାଦୀ ହୋଇ ଉତ୍‌ପଥଗାମୀ ନ ହୋଇପଡ଼ୁ।

'ଜୀବେ-ଦୟା' ଓ 'ବୈଷ୍ଣବ-ସେବା' ହିଁ ଆମର ଆଦର୍ଶ ହେଉ—'ଜୀବେ-ଦୟା', 'ନାମେ-ରୁଚି', 'ବୈଷ୍ଣବ-ସେବନ'—ଏହା ହିଁ ଆମମାନଙ୍କ ମୂଳମନ୍ତ୍ର ହେଉ ।

(ଶ୍ରୀଗୌଡ଼ୀୟ ପତ୍ରିକା, ବର୍ଷ ୧୫, ସଂଖ୍ୟା ୪)

ଜୟଶ୍ରୀ ଦାମୋଦର ଗୌଡ଼ୀୟ ମଠ
ଚକ୍ରତୀର୍ଥ ରୋଡ଼, ପୁରୀ-୨
ଫୋନ୍ ନଂ—(୦୬୭୫୨) ୨୨୩୩୭୫
୯୭୭୬୨୩୮୩୨୮

ବି.ଦ୍ର.—ଆପଣଙ୍କ ବନ୍ଧୁଙ୍କ ପାଖକୁ ଇ-ମାଗାଜିନ୍ ପଠାଇବା ପାଇଁ ତାଙ୍କ ଇ-ମେଲ୍ ଠିକଣା ଆମ ପାଖକୁ ପଠାଇବାକୁ ଅନୁରୋଧ ।